# Akashvani, Sambalpur

# SAMBALPURI NEWS MORNING BULLETIN

# 28 February 2026 - 6.47- 6.52 am.

---

ଏଚ୍‌ପିଭି ଟୀକାକରଣ୍    ଆଇ.ଆଣ୍ଡ.ପି.ଆର୍/ପି.ଆଇ.ବି.

ଦେଶ୍‌କେ ଜରାୟୁ କର୍କଟ ନୁ ମୁକ୍ତ କର୍‌ବାର୍ ଲାଗି ଆଏଜ୍‌ଠାନୁ କିଶୋରୀମାନ୍‌କୁ ଜରାୟୁ କର୍କଟ - ସର୍ଭାଇକାଲ୍ କେନ୍‌ସର୍ ନିରୋଧୀ- ଏଚ୍.ପି.ଭି. ଟୀକା ଦିଆଯିବା । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଦିନର୍ ସାଢ଼େ ୧୧ ବଜେ ରାଜସ୍ଥାନ୍‌ର ଆଜ୍‌ମେର୍ ଠାନେ ଟୀକାକରଣ୍ କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କର୍‌ବେ ।

ଉଦ୍‌ଘାଟନୀ ସମାରୋହଥି ଭୁବ୍‌ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଆଭାସୀ ଜରିଏ ଯୋଗ୍ ଦେବେ । ଭୁବ୍‌ନେଶ୍ୱର୍ କୃଷି ଭବନ୍ ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ୨୮ ଟା ଆମ୍ବୁଲେନ୍ସ ସେବାର ଶୁଭାରମ୍ଭ କର୍‌ବେ ।

ଇ ବାବ୍‌ଦେ ସମ୍ବଲ୍‌ପୁର୍ ଜିଲ୍ଲାର୍ ଏଡିପିଏଚ୍‌ଓ ଆଉ ଜିଲ୍ଲା ଟୀକାକରଣ୍ ଅଧିକାରୀ ଡକ୍ଟର୍ ଚୁଳବତୀ ସାହୁ ଆକାଶ୍‌ବାଣୀକେ କହିଛନ୍...

(ଭଏସ୍ ଓଭ୍‌ର-ଡକ୍ଟର୍ ଚୁଳବତୀ ସାହୁ)

ମୁଖ୍ୟମନ୍ତ୍ରୀ-ଦିଲ୍ଲୀ ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ନୂଆଦିଲ୍ଲୀ ଓଡ଼ିଶା ନିବାସ୍‌ର ଆବାସିକ ଆୟୁକ୍ତଙ୍କର୍ କାର୍ଯ୍ୟାଳୟ ପରିଦର୍ଶନ୍ କରିଥିଲେ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କର୍ମଚାରୀମାନ୍‌କର୍ ସଙ୍ଗେ ଭିନ୍ ଭିନ୍ ବିଷେଥି ଆଲୋଚନା କରିଥିଲେ । ତାର୍ ଉତ୍‌ରୁ ଓଡ଼ିଶା ନିବାସ୍‌କେ ବୁଲି ଯାଇଥିଲେ । ଓଡ଼ିଶା ନିବାସ୍ ନ ଓଡ଼ିଶାର୍ ଖାନ୍‌ପାନ୍ ଦରବ୍ ତିଆର୍ କର୍‌ବାର୍‌କେ ଅଏତ୍‌କା ଗୁରୁତ୍ୱ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ ପରାମର୍ଶ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ -ବୀର ସୁରେନ୍ଦ୍ର ସାଏ ଆଇ.ଆଣ୍ଡ୍.ପି.ଆର୍

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କର୍ ଶହେ ୪୨ ତମ ଶ୍ରାଦ୍ଧବାର୍ଷିକୀ ଅବ୍ସରେ ରାଏଜେ ଆଏଜ୍ ତାଙ୍କୁ ଶ୍ରଦ୍ଧାଞ୍ଜଲି ଦିଆଯାଉଛେ । ବ୍ରିଟିଶ୍ ମାନ୍କର୍ ବିରୋଧିଥି ଆନ୍ଦୋଲନ୍ କରିକରି ସେତେବେଲର୍ କେନ୍ଦ୍ରୀୟ ପ୍ରଦେଶ୍ ଆଉ ଇହିଛିନିର୍ ଅସିରଗଡ଼ ଜେଲ୍ ନ ବନ୍ଦ୍ ଥିବାର୍ ବେଲେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖ୍ ଦିନ ତାଙ୍କର୍ ମୃତ୍ୟୁ ହେଇଥିଲା ।
ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନର୍ ୧୦ ବଜେ ବିଧାନ୍ସଭା ପରିସର ନ ଥିବା ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତି ନ ମାଲ୍ୟାର୍ପଣ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ ।

ମୁଖ୍ୟମନ୍ତ୍ରୀ ଜନ ଅଭିଯୋଗ୍ ଶୁଣାଣି ଆଇ.ଆଣ୍ଡ୍.ପି.ଆର

ଆଏବା ସୋମ୍ବାର୍ ଦିନ ଭୁବ୍ନେଶ୍ୱର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ମୁଖ୍ୟମନ୍ତ୍ରୀଙ୍କର୍ ଅଲ୍ଗା ଜରୁରୀ କାମ୍ ଥିବାର୍ନୁ ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ଖଡ଼ିଛୁଁଆ ଉତ୍ସବ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ଶିକ୍ଷା ବଛର୍ ଲାଗି ଏପ୍ରିଲ ୨ନୁ ୫ ତାରିଖ୍ ଭିତ୍‌ରେ ରାଏଜେ ଖଡ଼ିଛୁଁଆ ଉତ୍ସବ୍ ପାଳନ କରାଯିବା । ଇତାରସହେତେ ପ୍ରବେଶ ଉତ୍ସବ୍ ଭିଲ୍ ହେବା । ୫ ଆଉ ୬ ତାରିଖ୍ ଭିତ୍‌ରେ ଶିଶୁ ବାଟିକାମାନ୍‌କେ ପିଲାମାନ୍‌କର ନାଁଲେଖା ହେବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ସବୁ ଜିଲ୍ଲାର ଶିକ୍ଷା ଅଧିକାରୀମାନ୍‌ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

୪୯ ନମ୍ବର୍ ଜାତୀୟ ରାଜପଥର ଆଲାଇନ୍‌ମେଂଟ୍ କାମ୍ ଜୁନ୍ ୧୫ ତାରିଖ୍ ତକ୍ ଶେଷ୍ ହେବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଝାର୍‌ସୁଗୁଡ଼ା ନ ଗୁଟେ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍, ପ୍ରକଳ୍ପକେ ନେଇକରି ଡିପିଆର୍‌ର ପ୍ରାରମ୍ଭିକ୍ ପ୍ରସ୍ତୁତି ଶେଷ୍

ହେଇଛେ । ଏଲାଇମେଂଟ୍ କାମ୍ ଶେଷ୍ ହେବାର୍ ଉତ୍ରୁ ଟେଣ୍ଡର୍ ପ୍ରକ୍ରିୟା ମୁଲ୍ ହେବା । ସବୁ ପ୍ରକ୍ରିୟା ତୁର୍ତି କର୍ବାର୍ ଲାଗି ଜାତୀୟ ରାଜପଥ କର୍ତୃପକ୍ଷଙ୍କର୍ ସହେତେ ଆଲୋଚନା ଚାଲିଛେ ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଆଇନ୍‌ମନ୍ତ୍ରୀ-ସର୍କାରୀ ଓକିଲ ତାଲିମ୍   ଆଇ.ଆଣ୍ଡ୍.ପି.ଆର

ନ୍ୟାୟ ବ୍ୟବସ୍ଥାକେ ତୁର୍ତି କର୍ବାର୍ ସହେତେ ପିଡ଼ିତ୍ ମାନ୍‌କୁ ନ୍ୟାୟ ଦେବାର୍ କ୍ଷେତ୍ରଥି ସର୍କାରୀ ଓକିଲ୍ ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ ବଲି ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଗଲାକାଏଲ୍ ଅଣକେଢ଼ର୍ ସର୍କାରୀ ଓକିଲ୍‌ମାନ୍‌କର୍ ତାଲିମ୍ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କରିକରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ଦେଶର୍ ଆଇନ୍ ବ୍ୟବସ୍ଥାକେ ଭଲ୍ କରି ବୁଝ୍‌ବାର୍ ସହେତେ ନ୍ୟାୟିକ ପ୍ରକ୍ରିୟାକେ ଠିକ୍ ଭାବେ ନେବାର୍ ଲାଗି ସର୍କାରୀ ଓକିଲ୍ ମାନ୍‌କୁ ପରାମର୍ଶ ଦେଇଛନ୍ ।

ଜାତୀୟ ବିଜ୍ଞାନ୍ ଦିବସ୍          ଆର୍‌ଏନ୍‌ୟୁ ସମ୍ବଲପୁର୍

ଦେଶର୍ ମହାନ୍ ପଦାର୍ଥ ବିଜ୍ଞାନୀ ସାର. ସି.ଭି. ରମଣଙ୍କର୍ ଆବିଷ୍କାର୍ ରମଣ୍ ରଶ୍ମି ବା ରମଣ ଇଫେକ୍ଟକେ ସୁରତା କରିକରି ଆଏଜ୍ ଜାତୀୟ ବିଜ୍ଞାନ୍ ଦିବସ୍ ପାଲନ୍ କରାଯାଉଛେ । ସାର. ସି.ଭି. ରମଣ୍ ୧୯୨୮ ମସିହା ଆଝିରର୍ ଦିନେ ରମଣ୍ ଇଫେକ୍ଟ ଆବିଷ୍କାର୍ କରିଥିଲେ । ଇ ଆବିଷ୍କାର୍ ଲାଗି ୧୯୩୦ ମସିହାଥି ତାଙ୍କୁ ନୋବେଲ୍ ପୁରସ୍କାର୍ ଦିଆଯାଇଥିଲା । ଜାତୀୟ ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ଆଉ ଯୋଗାଯୋଗ୍ ପରିଷଦ୍ ତର୍ଫୁ ୧୯୮୬ ମସିହାନୁ ଇ ଦିନ୍‌କେ ପାଲନ୍ କରାଯାଉଛେ । ଇ ବଛ୍‌ରର୍ ବିଜ୍ଞାନ୍ ଦିବସ୍‌ର ବାର୍ତା ହେଉଛେ "ବିଜ୍ଞାନ କ୍ଷେତ୍ରଥି ମହିଳା- ବିକଶିତ ଭାରତକେ ତହଁକାବାର୍' ।

ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବର୍‌ଗଡ୍ ସମ୍ବାଦଦାତା

ତୃଣମୂଳ ସ୍ତର୍ ନ ନିରନ୍ତର୍ ବିକାଶ୍ ଲକ୍ଷ୍ୟ ୨୦୩୦ ର କାମ୍‌କାଜ୍‌କେ ବର୍‌କସ୍ କର୍‌ବାର୍ ଲାଗି ଗଲାକାଏଲ୍ ବର୍‌ଗଡ୍ ଜିଲ୍ଲା ପରିଷଦ୍ ସମ୍ମିଳନୀ କକ୍ଷ ନ ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ଗୁଟେ ଦିନ୍‌କିଆ

ତାଲିମ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌କେ ଜିଲ୍ଲା ପରିଷଦ୍ ମୁଖ୍ୟ ଉନ୍ନୟନ୍ ଅଧିକାରୀ ଲଲାଟ୍ କୁମାର୍ ଲୁହା ଉଦ୍‌ଘାଟନ୍ କରିକରି ଦୀର୍ଘସ୍ଥାୟୀ ବିକାଶ୍ ଲାଗି ସଭେ ମିଲିମିଶି କାମ୍ କର୍‌ବାର୍‌କେ ଆହ୍ବାନ୍ ଦେଇଥିଲେ ।

ଜଙ୍ଗଲ୍ ନିଆଁ ସଚେତନତା ନୂଆପଡ଼ା ସଚେତନତା

ନୂଆପଡ଼ା ଜିଲ୍ଲା ସୁନାବେଡ଼ା ଅଭୟାରଣ୍ୟ ନ ଜଙ୍ଗଲ୍ ଜୁଏକେ ଆଏତ୍ କର୍‌ବାର୍ ଲାଗି ଗୁଟେ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଜଙ୍ଗଲ୍ ବିଭାଗ୍ କର୍ମଚାରୀମାନେ ଜଙ୍ଗଲ୍ ନିଆଁକେ କେନ୍ତେଇ ଆଏତ୍ କରାଯାଇପାର୍‌ବା ସେ ବାବ୍‌ଦେ ଲୁକ୍‌କୁ ବୁଝାବାର୍ ସହେତେ ଭିନ୍ ଭିନ୍ ନିଆଁଲିଭା ଦରବ୍ ବାଂଟିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ବଡ଼ଭାଗି ଜାଗା ନ ପାଗ୍ ଶୁଖା ରହେବା । ୨ ଦିନ୍ ତକ୍ ପାଗ୍ ଏନ୍ତା ରହେବା । ତାର୍ ଉତ୍‌ରୁ

ଦିନର୍ ଆଉ ରାତିର୍ ତାପମାତ୍ରା ୨ ନୁ ୩ ଡିଗ୍ରୀ ତକ୍ ବଡ଼୍ବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ କରାଯାଇଛେ ।